## ସଂକ୍ଷେପରେ

### ୫୨ ୟୁନିଟ ରକ୍ତ ସଂଗୃହୀତ

ଛତ୍ରପୁର,୧୫।୧୧(ଦିଲୀପ ସାମଲ)

ବଡ଼ମାଧପୁର ଶ୍ୟାମାକାଳୀ ଯୁବକ ସଂଘ ପକ୍ଷରୁ ଚଳିତବର୍ଷ ଶ୍ୟାମା କାଳୀ ପୂଜାର ଚତୁର୍ଥ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଯୁବକମାନେ ୫୨ ୟୁନିଟ ରକ୍ତ ଦାନ କରିଛନ୍ତି। ଅତିଥି ଭାବେ ନିହାର ରଞ୍ଜନ ନାୟକ ଯୋଗଦେଇ ରକ୍ତଦାତାଙ୍କୁ ରକ୍ତଦାନର ମହନୀୟତା ବୁଝାଇଥିଲେ। ଯୁବକ ସଂଘ ସଭାପତି ଏସ୍ ଯୁଧିଷ୍ଠିର ରେଡ୍ଡୀ, ସମ୍ପାଦକ ଶିବରଞ୍ଜନ ସାହୁ, ଉପ ସଭାପତି ଦେବାଶିଷ ବେହେରା, ଟ୍ରଷ୍ଟି ମହେନ୍ଦ୍ର ଗୌଡ଼ କୋଷାଧ୍ୟକ୍ଷ ଏସ୍ ସୁଶାନ୍ତ ରେଡ୍ଡୀ, ଉପଦେଷ୍ଟା ରଘୁନାଥ ବେହେରା, ଟି କିଶୋର ରେଡ୍ଡୀ, ପଦ୍ମ ଲାଭ ସାହୁ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ମାସେ ହେଲା ସୋଲାର ପମ୍ପ ଅଚଳ

ଖଜୁରିପଡ଼ା,୧୫।୧୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତର ଶିଦୀଙ୍ଗୀ ଗ୍ରାମରେ ଏକ ମାସ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ସୋଲାର ପମ୍ପ ବନ୍ଦ ହୋଇ ରହିଛି। ଫଳରେ ଗାଁରେ ପିଇବା ପାଣି ସମସ୍ୟା ଦେଖାଦେଇଛି । ଗ୍ରାମବାସି ଅଭିଯୋଗ କଲେ ସୁଦ୍ଧା ତାହା ମରାମତି ନ ହେଉଥିବାରୁ ବନ୍ଧ ପାଣି ବ୍ୟବହାର କରୁଛନ୍ତି। ଏହି ସୋଲାର ପମ୍ପ ମରାମତି କଲେ ପାନୀୟ ଜଳ ସମସ୍ୟା ଦୂରୀକରଣ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

### ଆକ୍ରମଣ ମାମଲାରେ ୩ ଦୋଷୀ ସାବ୍ୟସ୍ତ

ଦିଗପହଣ୍ଡି,୧୫।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଏକ ଆକ୍ରମଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୦୫ ଜୁନ ୧୩ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋକର୍ଣ୍ଣପୁର ଗ୍ରାମର ଏସ୍.ସିମାଦ୍ରି ଦୋରାଙ୍କୁ ସେହି ଗ୍ରାମର ବନା ସେଠୀ, ଝୁନୁ ସେଠୀ ଓ ପ୍ରକାଶ ସେଠୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ମାମଲାରେ ୭ ସାକ୍ଷୀ କୋର୍ଟରେ ସେମାନଙ୍କ ବୟାନ ଦେଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାଜିଷ୍ଟ୍ରେଟ ମଙ୍ଗଳବାର ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୩ ଶହ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେବା ସହ ଅନାଦେୟ ୧୦ ଦିନ ଜେଲ ଯିବାକୁ ଆଦେଶ ଦେଇଥିଲେ। କ୍ୟାଡର ଏପିପି ବିପ୍ଳବ କୁମାର ମୁଦୁଲି ଏବଂ ଏପିପି ନକୁଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

### ବାର୍ଷିକ ଶିଶୁ ମହୋତ୍ସବ

ପୋଲସରା,୧୫।୧୧(ସୁବ୍ରତ ବେହେରା)

ପୋଲସରା ସମ୍ମନିତ ଶିଶୁ ବିକାଶ ଅଧୀନରେ ଥିବା ୨୧୪ ଅଙ୍ଗନୱାଡି ଅର୍ଥାତ ୭ଟି ସେକ୍ଟର ପ୍ରତ୍ୟେକ କେନ୍ଦ୍ରରେ ବାର୍ଷିକ ଶିଶୁ ମହୋତ୍ସବ ପାଳିତ ହୋଇଛି। କଳମ୍ବ, ପୋଲସରା, ମଥୁରା, ତୁଙ୍କାପଡ଼ା, ଚିରିକିପଡ଼ା, ହାତୀଓଟ ଓ ପୋଲସରା ଏନ୍ଏସିରେ ସମସ୍ତ କେନ୍ଦ୍ର ମାନଙ୍କରେ ଶିଶୁ ମାନଙ୍କୁ ନେଇ ନାଚ, ଗୀତ, ଗପ, ଖେଳ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ୬ ଜଣ ସୁପରଭାଇଜର, ସମସ୍ତ ଅଙ୍ଗନୱାଡି ୱାର୍କର, ଆଶା କର୍ମୀ, ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାକୁ ମହାନଦୀରୁ ଆସିବ ପାଣି

## ଉପକୃତ ହେବେ ୧୦ ବ୍ଲକର ଲୋକେ

ଛତ୍ରପୁର,୧୫।୧୧(ସନ୍ତୋଷ ପାଢୀ)

ମହାନଦୀରୁ ଗଞ୍ଜାମ ଜିଲ୍ଲାକୁ ପାଣି ଆସିବ। ଏ ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ମହାନଦୀରୁ ଖୋର୍ଦ୍ଧା ଜିଲା ଦେଇ ଗଞ୍ଜାମ ଜିଲାର ଭଞ୍ଜନଗର ଅଞ୍ଚଳକୁ ପାଣି ଆଣିବା ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଗଞ୍ଜାମ ଜିଲାର ୧୦ଟି ବ୍ଲକର ଲୋକେ ପାଇପ୍ ଯୋଗେ ପାନୀୟଜଳ ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ମହାନଦୀରୁ ୩୮.୮୬ କ୍ୟୁସେକ ପାଣି ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ଡିଭିଜନକୁ ପାଣି ଦେବା ପାଇଁ ଅନୁମୋଦନ ମିଳିଛି । ଏସମ୍ପର୍କରେ ରାଜ୍ୟ ଜଳସମ୍ପଦ ବିଭାଗର ଅଣ୍ଡର ସେକ୍ରେଟାରୀ ସସ୍ମିତା ମିଶ୍ର ଗଞ୍ଜାମ ଜିଲାପାଳଙ୍କୁ ଚିଠି (ନଂ୩୧୨୨୧) ଏବଂ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି (ନଂ୩୧୨୧୮) ମାଧ୍ୟମରେ ଜଣାଇଛନ୍ତି। ଏହାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଭଞ୍ଜନଗର ଅଧିକ୍ଷଣ ଯନ୍ତ୍ରୀ ଡିଭିଜନ ପକ୍ଷରୁ ସେଠାରେ ମେଗା ପାନୀୟ ଜଳ ଯୋଗାଣ ଯୋଜନା ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୧୦ଟି ବ୍ଲକକୁ ପାଇପ ଜଳ ଯୋଗାଣ ପାଇଁ ନିଷ୍ପତ୍ତି ହୋଇଛି। ୨୦୨୪ରେ ଉକ୍ତ ବ୍ଲକଗୁଡ଼ିକୁ ପାଣି ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ଜିଲା ଆଇଆଇଏସ ସୁବଳୟା ନିକଟ ଚାମୁଣ୍ଡିଆ ପଞ୍ଚାୟତର କରିପୋଖରୀ ନିକଟକୁ ମହାନଦୀରୁ ପାଣି ଆସିବ ଏବଂ ଏଠାରେ ଇନଟେକ୍ ଷ୍ଟ୍ରକଚର ସ୍ଥାପନ କରାଯିବ । ଏଠାରୁ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ପକ୍ଷରୁ ୧୦ଟି ବ୍ଲକ କୁ ପାନୀୟ ଜଳ ଯୋଗାଣ ହେବ ବୋଲି ଜଣାପଡିଛି। କେବଳ ପାନୀୟ ଭାବେ ଏହି ଜଳ ବ୍ୟବହାର କରାଯିବ । ଅନ୍ୟ କୌଣସି କାମ ପାଇଁ ଏହା ବ୍ୟବହାର ନକରିବାକୁ କୁହାଯାଇଛି । ଫ୍ଲୋ ୱାଟର ମିଟର କିମ୍ବା ସେନ୍ସର ଲଗାଯାଇ ପାଣିର ଉଚ୍ଚତା ମପାଯିବ । ଇନଟେକ୍ ଷ୍ଟ୍ରକଚର ସହ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବ । ପ୍ରତି ୩ ମାସକୁ ଥରେ ଉଠାଯାଉଥିବା ପାଣି ଏବଂ ଏହାର ବ୍ୟବହାର ସମ୍ପର୍କରେ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦିଆଯାଇଛି । ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଅଞ୍ଚଳକୁ ଉକ୍ତ ମେଗା ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ଜଳସମ୍ପଦ ବିଭାଗ ନିକଟରେ ଆବେଦନ କରାଯାଇଥିଲା।

# ଏମ୍ଜିଏନ୍ଆର୍ଇଜିଏସ୍‌ରେ ଦୁର୍ନୀତି

## ଗୋଟିଏ କାମକୁ ଦୁଇଟି ନାଁ ଦେଇ ଅର୍ଥ ଚଳୁ ଅଭିଯୋଗ



ନାମ ଫଳକ।

ପୋଲସରା,୧୫।୧୧(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍କାପଡ଼ା ଗ୍ରାମ ପଞ୍ଚାୟତରେ ଗୋଟିଏ କାମକୁ ଗୋଟିଏ ଫଳକରେ ଦୁଇଟି କାର୍ଯ୍ୟର ନାମ ଦର୍ଶାଇ ଅର୍ଥ ଚଳୁ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତର ତୁଙ୍କାପଡ଼ା ଗ୍ରାମ ଆର୍ଥିକ ବର୍ଷ ୨୦୨୨/୨୩ କାର୍ଯ୍ୟର କୋଡ଼ ନମ୍ବର ୧୦୫୪୨୭୭୫ ଅର୍ଥାତ୍ କାର୍ଯ୍ୟର ନାମ ଭାଇବୋହୁ ରୋଡ଼ଠାରୁ ଅତିଥି ଭବନ ଯାଏ କଲଭର୍ଟ ନିର୍ମାଣ ନାମରେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବା ବେଳେ ୧ଲକ୍ଷ ୪୮ ହଜାର ୮୩୬ ଟଙ୍କା ଶ୍ରମିକମାନଙ୍କ ପାଇଁ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ସାମଗ୍ରୀ ବିଲ ପାସ ପାଇଁ ପଠା ଯାଇଥିବା ଅନଲାଇନ୍ ମାଧ୍ୟମରେ ଜଣାପଡିଛି। ସେହିପରି ଉକ୍ତ ଫଳକକୁ କଲର ଦେଇ ଆର୍ଥିକ ବର୍ଷ ୨୦୨୨/୨୩ କର୍ଯ୍ୟର କୋଡ଼ ନମ୍ବର ୧୦୫୫୧୮୧୯ କାର୍ଯ୍ୟର ନାମ ହତା ରୋଡ଼ ଠାରୁ ଆର୍ ଡି ରୋଡ଼ ଯାଏ କଲଭର୍ଟ ନିର୍ମାଣ ନାମରେ ଅଟକଳ ପରିମାଣର ମୂଲ୍ୟ ୫ଲକ୍ଷ ଟଙ୍କା ଫଳକରେ ଲେଖା ଯାଇଥିବା ବେଳେ ୧ଲକ୍ଷ ୯ହଜାର ୯୦୮ ଟଙ୍କା ଶ୍ରମିକ ମାନଙ୍କ ପାଇଁ ଟଙ୍କା ଉଠାଣ ହୋଇଥିବା ବେଳେ ସାମଗ୍ରୀ ଅଂଶ ପାଇଁ ବିଲ୍ ପାସ୍ କରିବା ପାଇଁ ପଠାଯାଇଥିବା ଅନଲାଇନ୍ ମାଧ୍ୟମରେ ଦେଖିବାକୁ ମିଳିଛି। ସେହି ସ୍ଥାନରେ ହତା ରୋଡ଼ ନଥିବା ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ବିଡିଓ କୁରେଶ୍ ଚନ୍ଦ୍ର ଜାନି ମୌଖିକ ଭାବେ କହିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା

# ‘ଓ’ ପଜିଟିଭ୍ ବଦଳରେ ରୋଗୀଙ୍କୁ ଦେଲେ ‘ବି’ ପଜିଟିଭ ରକ୍ତ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା):୧୫।୧୧

ଗଜପତି ଜିଲା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କ ଚରମ ଅବହେଳା ଦେଖିବାକୁ ମିଳିଛି। ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ‘ଓ’ ପଜିଟିଭ୍ ବଦଳରେ ‘ବି’ ପଜିଟିଭ୍ ରକ୍ତ ଦିଆଯାଇଥିବା ବୁଧବାର ଅଭିଯୋଗ ହୋଇଛି। ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅବଜର୍ଭେଶନରେ ରଖାଯାଇଛି। ଭେଙ୍କେଟେଶ୍ୱର ବେହେରା ନାମକ ଜଣେ ଅର୍ଶ ରୋଗୀ ଅସୁସ୍ଥ ହୋଇ ଗତ ୧୩ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବା ଦେଖି ଡାକ୍ତର ରକ୍ତ ଚଢାଇବାକୁ ପରାମର୍ଶ ଦେଇଥିଲେ। ଭେଙ୍କେଟେଶ୍ୱରଙ୍କ ଓ ପଜିଟିଭ୍ ରକ୍ତ ଥିବାରୁ ତାଙ୍କୁ ୧୩ ତାରିଖରେ ଗୋଟେ ୟୁନିଟ ରକ୍ତ ଦିଆଯାଇଥିଲା। ସେହିଭଳି ମଙ୍ଗଳବାର ଆଉଗୋଟେ ୟୁନିଟ ଓ ପଜିଟିଭ୍ ରକ୍ତ ଦିଆଯାଇଥିଲା। ଡାକ୍ତର ବୁଧବାର ରୋଗୀଙ୍କ ସ୍ଥିତି ଯାଞ୍ଚ କରି ଆଉ ଗୋଟେ ୟୁନିଟ ରକ୍ତ ଦେବାପାଇଁ ପରାମର୍ଶ କରିଥିଲେ । ଡାକ୍ତରଙ୍କ କହିବା ଅନୁସାରେ ତାଙ୍କ ସମ୍ପର୍କୟ ବ୍ଲଡ଼ ବ୍ୟାଙ୍କରୁ ରକ୍ତ ଆଣି ୱାର୍ଡରେ କାର୍ଯ୍ୟରତ ନର୍ସଙ୍କୁ ଦେଇଥିଲେ। ଅପରାହ୍ନ ୧ଟାରେ ଭେଙ୍କେଟେଶ୍ୱରଙ୍କୁ ନର୍ସ ରକ୍ତ ଚଢାଇବା ବେଳେ ଓ ପଜିଟିଭ ଦେବା ବଦଳରେ ଅନ୍ୟ ରୋଗୀର ବି ପଟିଟିଭ୍ ରକ୍ତ ଚଢାଇ ଦେଇଥିଲେ। ରକ୍ତ ଚଢ଼ାଇବା କିଛି ସମୟ ମଧ୍ୟରେ ରୋଗୀ ଅସୁସ୍ଥ ଅନୁଭବ କରି ନିଜ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତେବେ ରକ୍ତ ପ୍ୟାକେଟ ଦେଖି ଏହା ବି ପଟିଭ୍ ରକ୍ତ ବୋଲି ରୋଗୀଙ୍କ ସମ୍ପର୍କୀୟ ଜାଣିବାକୁ ପାଇ ତୁରନ୍ତ ଡାକ୍ତର, ନର୍ସ ସମସ୍ତଙ୍କୁ ଡାକିଥିଲେ। ଏହାପରେ ରକ୍ତ ପ୍ୟାକେଟ ବାହାର କରି ଜବତ କରାଯାଇଛି। ବର୍ତ୍ତମାନ ରୋଗୀକୁ ଅବଜର୍ଭେଶରେ ରଖାଯାଇଥିବା ଡିଏମ୍ଓ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ଯେଉଁ ନର୍ସ ଏଭଳି କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ପାରଳାଖେମୁଣ୍ଡି,୧୫।୧୧(ଗିରିଧାରୀ ପରିଛା)

ଗଜପତି ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଡିସେମ୍ବର ୧୫ ତାରିଖରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଏମ୍ପି ପ୍ରତିନିଧି ଏସ. ଲିଙ୍ଗରାଜ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ଡ଼. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପରିଷଦ ଗଜପତି ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପ୍ରଥମେ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହ କରିବାକୁ ସର୍ବସମ୍ମତି କ୍ରମେ ଆଲୋଚନା କରଯାଇଥିଲା। ସୁଚନା ଅନୁଯାୟୀ, କାଶୀନଗର, ଗୋଷାଣୀ, ରାୟଗଡ଼ ଓ ଗୁମ୍ମା ବ୍ଲକରେ ଡିସେମ୍ବର ୧୫ ତାରିଖ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୧୮୩/– ଟଙ୍କା ଏବଂ ଗ୍ରେଡ–ଏ ମୂଲ୍ୟ ପ୍ରତି କିଣ୍ଟାଲ ୨୨୦୩/– ଟଙ୍କାରେ କିଣିବାକୁ ଧାର୍ଯ୍ୟ ରଖାଯାଇଛି। ବୈଠକରେ ବିଭାଗୀୟ ଅଧିକାରୀ, ଜିଲା ଚାଷୀ ପ୍ରତିନିଧି, ମିଲର ସଭାପତି, ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସର୍ଗି ଫୁଲ ମହୋତ୍ସବ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

- ୧୧ଟି ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ
- ପାରମ୍ପରିକ ନୃତ୍ୟରେ ମଞ୍ଚ ଦୁଲୁକିଲା

ଦାରିଙ୍ଗବାଡି,୧୪।୧୧(ଅରୁଣ ସାହୁ )

ଦାରିଙ୍ଗବାଡି ବ୍ଲକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସର୍ଗି ଫୁଲ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ଶରତ ଶବର, ଦାରିଙ୍ଗବାଡି ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପ୍ରତିଯୋଗୀଙ୍କୁ ଜିଲା ସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ଭାଗ ନେବାପାଇଁ ମନୋନୀତ କରାଯାଇଥିଲା। ବିଡିଓ ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପୁରସ୍କାର ବିତରଣ କରିଥିଲେ।

# ଦୁର୍ନୀତି ନେଇ ଭାଜପାର ବିକ୍ଷୋଭ, ଦାବିପତ୍ର ପ୍ରଦାନ



କବିସୂର୍ଯ୍ୟନଗର,୧୫।୧୧(କୃପାସିନ୍ଧୁ ସ୍ୱାଇଁ)

ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବୁଧବାର କବିସୂର୍ଯ୍ୟନଗର ଭାଜପା ପକ୍ଷରୁ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଭାଜପା ଆହ୍ୱାନକ୍ରମେ ସ୍ଥାନୀୟ ନେତା ପ୍ରତାପ ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଦୁର୍ନୀତି ବିରୋଧରେ ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରିବା ପରେ ବ୍ଲକ ଆଗକୁ ଯାଇଥିଲେ। ସେଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ବାଟମାରଣା କରି କୋଟି କୋଟି ଟଙ୍କା ହରିଲୁଟ କରିଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଭାଜପା ନେତାମାନେ ବର୍ଷିଥିଲେ। କର୍ମୀ କିମ୍ବା ନେତାମାନଙ୍କୁ ବ୍ଲକ ସମ୍ମୁଖରେ ମୁତୟନ ପୋଲିସ ଭିତରକୁ ନ ଛାଡି ନଥିଲେ। ଫଳରେ ଦୀର୍ଘ ସମୟ ଧରି ବ୍ଲକ ସମ୍ମୁଖରେ କର୍ମୀ ବସିରହି ମୁଖ୍ୟରାସ୍ତାକୁ ଅବରୋଧ କରିବାରୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ବିଭିନ୍ନ ଦାବି ସମ୍ବଳିତ ଏକ ପତ୍ର ରାଜ୍ୟପାଳ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ନୀଳମଣି ବିଷୋୟୀ, ଅରୁଣ ପଣ୍ଡା, ଅନିତା ପ୍ରିୟଦର୍ଶିନୀ, ଦୀନବନ୍ଧୁ ସାହୁ, ଶ୍ରୀକାନ୍ତ ମହାପାତ୍ର, ଶିବରାମ ପଣ୍ଡା ସମେତ ନାରାୟଣ ଡାକୁଆ, ଶ୍ରୀକାନ୍ତ ପଣ୍ଡା, କୃଷ୍ଣ ବିଷୋୟୀ, ଦୁର୍ଯ୍ୟୋଧନ ଖଣ୍ଡୁଆଳ, କାଳୁଚରଣ ପ୍ରଧାନ, ପିତାମ୍ବର ସେନାପତି, ଶରତ କୁମାର ସ୍ୱାଇଁ, ରାଜୀବ ବେହେରା, ନାରାୟଣ ବିଶ୍ୱାଳ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର

ଦିଗପହଣ୍ଡି,୧୫।୧୧(ଅଶେଷ ନାଥ ମିଶ୍ର)

ଭାରତ ସରକାରଙ୍କ ‘ନ୍ୟାସନାଲ ଇନିଷ୍ଟିଚ୍ୟୁଟ ଅଫ ଇଲେକ୍ଟ୍ରୋନିକ୍ସ ଏଣ୍ଡ୍ ଇନଫର୍ମେସନ ଟେକ୍ନୋଲୋଜି’ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଦିଗପହଣ୍ଡି ସ୍ଥିତ ଆଡଭାନ୍ସ କମ୍ପ୍ୟୁଟର ପ୍ରଶିକ୍ଷଣ ଅନୁଷ୍ଠାନ ପକ୍ଷରୁ ‘ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା’ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଏସ. ଶଙ୍କର ଦୋରାଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ ଏବଂ ସହ ନିର୍ଦ୍ଦେଶିକା ସୁନିତା ପଲାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଉପ ଆଞ୍ଚଳିକ ନିଯୁକ୍ତି ଅଧିକାରୀ ତପନ କୁମାର ରାଉଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଗଞ୍ଜାମ ଜିଲା ସଭାପତି ତଥା ଆଇନଜୀବୀ ହରପ୍ରସାଦ ରଥ, ଓକେସିଏଲ ଗଞ୍ଜାମ ଜିଲା ସଂଯୋଜିକା ଏସ୍.ରେଖା ମହାନ୍ତି, ଗଜପତି ଜିଲା ସଂଯୋଜକ ଶ୍ରୀକାନ୍ତ ମହାନ୍ତି, ଶିକ୍ଷାବିତ ନରସିଂହ ପଣ୍ଡା ଏବଂ ସୁବାସ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଜିନିଅସ୍ ଆୱାର୍ଡ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଭଞ୍ଜନଗର ଆଇଟିଆଇ ଉଦ୍‌ଘାଟିତ

ଭଞ୍ଜନଗର,୧୫।୧୧(ବାବୁଲା ପ୍ରଧାନ)




ଆଇଟିଆଇଠାରେ ମନ୍ତ୍ରୀ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

- ଅତିରିକ୍ତ ଶ୍ରେଣୀ ଗୃହ, ମିଶନ ଶକ୍ତି ଭବନ ଉଦ୍‌ଘାଟନ କଲେ ମନ୍ତ୍ରୀ

୧୪ କୋଟିଟଙ୍କାବ୍ୟୟରେନିର୍ମିତଭଞ୍ଜନଗର ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ), ୧କୋଟି ୫୩ଲକ୍ଷ ବ୍ୟୟରେ ନିର୍ମିତ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଏବଂ ୫୦ଲକ୍ଷ ଟଙ୍କାରେ ନିର୍ମିତ ବ୍ଲକ ମିଶନ ଶକ୍ତି ଭବନ ବୁଧବାର ଉଦ୍‌ଘାଟିତ ହୋଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସବୁ ଉଦ୍‌ଘାଟନ କରିଥିଲେ। ବ୍ଲକ ମିଶନ ଶକ୍ତି ଭବନ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଆରୁଖ କହିଥିଲେ, ମହିଳାମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ଚଳିତବର୍ଷ ୧୧ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ମିଶନ ଶକ୍ତି ମାଧ୍ୟମରେ ବଜେଟରେ ସର୍ବାଧିକ ଅର୍ଥ ବରାଦ ହୋଇଛି ବୋଲି କହିଥିଲେ। ଭଞ୍ଜନଗର ଆଇଟିଆଇରେ ଅଞ୍ଚଳର ଛାତ୍ରୀଛାତ୍ରମାନେ ପଢ଼ିବାର ସୁଯୋଗ ପାଇବେ । ସେହିପରି ଛାତ୍ରୀମାନଙ୍କ ଉନ୍ନତି ପାଇଁ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଉନ୍ନତୀକରଣ କରାଯାଇଛି ବୋଲି ମନ୍ତ୍ରୀ ବିଭିନ୍ନ ସଭାରେ କହିଥିଲେ। ବିଡ଼ିଓ ଶଶିଭୂଷଣ ମହାପାତ୍ର ସଭା ସଂଯୋଜନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗ ଏବଂ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ବ୍ଲକରେ ଅନେକ ଉନ୍ନୟନ କାର୍ଯ୍ୟ ହୋଇପାରିଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ଆଶିଷ କୁମାର ନାୟକ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଆଇଟିଆଇ ଅଧ୍ୟକ୍ଷ ଲୋକେଶ ପଟ୍ଟନାୟକ, ଶୁଳପାଣି ଶତପଥି, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ସୁଶାନ୍ତ କୁମାର ମଲ୍ଲିକ,ଜିଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ଭାଗ୍ୟଲତା ସେଠୀ, ସିଡ଼ିପିଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ,ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ,ଏମ୍ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସମବାୟ ସପ୍ତାହ ପାଳିତ

ଆସିକା,୧୫।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକାର ବିଭିନ୍ନ ସମବାୟ ଅନୁଷ୍ଠାନରେ ମଙ୍ଗଳବାର ୭୦ତମ ଅଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଇଥିଲା । ଏହି ଅବସରରେ ପତାକା ଉତ୍ତୋଳନ ଓ ସମବାୟ ସପ୍ତାହ ଉପଲକ୍ଷେ ରାଜ୍ୟ ମୁଖ୍ୟମନ୍ତ୍ରୀ, ସମବାୟ ବିଭାଗ ମନ୍ତ୍ରୀ, ସମବାୟ ବିଭାଗ ସଚିବ ପ୍ରମୁଖଙ୍କ ବାର୍ତ୍ତା ପଠନ କରାଯିବା ସହ ସମବାୟ ଆନ୍ଦୋଳନର ମୂଳ ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା । ଆସିକା ସମବାୟ ଚିନିଶିଳ୍ପରେ ସଭାପତି ରବିନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ । ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ସମ୍ପାଦକ ଚନ୍ଦ୍ରଶେଖ ରେଡିଙ୍କ ସମେତ ଚିନିଶିଳ୍ପ କର୍ମଚାରୀ ସାମିଲ ଥିଲେ । ସେହିଭଳି ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କରେ ସଭାପତି ମଙ୍ଗଳୁଧର ସାହୁ ପତାକା ଉତ୍ତୋଳନ କରିଥିଲା ବେଳେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ନାରାୟଣ ମାଧେଇଙ୍କ ସମେତ ପରିଚାଳନା ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବିଡିଓଙ୍କ ମରୁଡ଼ି ଅଞ୍ଚଳ ପରିଦର୍ଶନ

ଧରାକୋଟ,୧୫।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ):



ବିଡିଓ ଓ ଅନ୍ୟମାନେ କ୍ଷତିଗ୍ରସ୍ତ ଜମି ବୁଲି ଦେଖୁଛନ୍ତି।

ଧରାକୋଟ ବ୍ଲକ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଗାଁ ଗାଁ ଲୋକେ ଅଭିଯୋଗ କରିବା ପରେ ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ଜେନା, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ପଣ୍ଡା ବୁଧବାର ମରୁଡ଼ି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଧାର କରଜ କରି ବିଳମ୍ବରେ ହେଲେ ମଧ ଚାଷୀ ନିଜର ଜମିକୁ ଉଠିଆ କରିଥିଲା। ହେଲେ ଅଭାବୀ ବର୍ଷା ଏଥିରେ ଦାଉ ସାଜିଥିବାରୁ ଆଖି ଆଗରେ ବର୍ଷକର ଫସଲ ଯଥା ଧାନ ଚାଷ ସହ ପନିପରିବା ଚାଷ ମଧ ଜଳି ପୋଡ଼ି ଯାଇଛି। ବ୍ଲକର ବଳରାମପୁର, ବାହାରପୁର, ସିଙ୍ଗିପୁର, ଝାଡ଼ବନ୍ଧ, ଝରପାରୀ, ବରଡାବିଲି, ରୁଗୁମୁ, ଓଳମଣ୍ଡା, ଧରାକୋଟ, ଯାହାଡା ପଞ୍ଚାୟତରେ ଧାନ ଫସଲ ଜଳି ପୋଡ଼ି ନଷ୍ଟ ହେବା ସହ ଜମି ଫାଟି ଆଁ କରିଛି। ଶହ ଶହ ପୁରୁଷ ଓ ମହିଳା ଅଧିକାରୀଙ୍କ ନିକଟରେ ମରୁଡି ଦ୍ୱାରା କ୍ଷତି ହୋଇଥିବା ଫସଲ ପାଇଁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ନିବେଦନ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଏହାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ଚାଷୀମାନେ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଲିଖିତ ଦରଖାସ୍ତ ଦେବାପାଇଁ କହିବା ସହ ଏହା ପରେ ଜଳସ୍ତର ପରୀକ୍ଷା ସହ ବୋର ଖୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଳରାମପୁର ପଞ୍ଚାୟତରେ ହରଭାଙ୍ଗି କେନାଲ ଯାଇଥିବା ବେଳେ ଏହା ଚାଷୀଙ୍କ ଜମି ସ୍ତରଠାରୁ ୩୦ ଫୁଟ ତଳେ ରହିଛି । ଚାଷ ଜମି ପାଇଁ ବର୍ଷାଜଳ ହିଁ ଏକମାତ୍ର ଉପାୟ ହୋଇଥିବା ବେଳେ ପାଗ ଶୁଖିଲା ହେଲେ ଜମିର ପାଣିକୁ କେନାଲ ଟାଣି ନେଉଛି। ଏଣୁ ଅଧିକାଂଶ ସମୟରେ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରତିକାର ପାଇଁ ଚାଷୀମାନେ ଦାବି କରିଥିଲେ। ବ୍ଲକର ବାହାରପୁର, ଡାକିବଜା, ଜଗନ୍ନାଥପୁର ଶାସନ, ପଦ୍ମପୁର, ସିଙ୍ଗିପୁର, ଚଞ୍ଚରାପଲି, ସରପଡ଼ା, କେନ୍ଦୁପଲି, ବେଠୁଆର, କଇଠିରା, ଝାଡବନ୍ଧ, ଝରପାରି ଭଳି ଗାଁରେ ଧାନ ଜମି ସମ୍ପୂର୍ଣ ଜଳିଯାଇଛି। ଚାଷୀଙ୍କୁ ବୀମା ରାଶି,କୃଷି ଋଣ ଛାଡ ଓ ମାଗଣା ବିହନ ଯୋଗାଇବାକୁ କୃଷକ ଏକତା ମଞ୍ଚ ତରଫରୁ ଦାବି କରାଯାଇଛି।

